## ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,(ବ୍ୟୁରୋ): ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ବୁଧବାର ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ କଲେଜ ସଭା କକ୍ଷରେ ଉଦ୍‌ଯାପିତ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟ ସମିତି ଆୟୋଜିତ କାର୍ଯ୍ୟକ୍ରମରେ ଡା. ସ୍ମୃତିରଞ୍ଜନ ପଣ୍ଡା ଓ ଏନ୍‌ଟିସିପି ପରାମର୍ଶଦାତା ସ୍ୱାଗତିକା ବେହେରା ଯୋଗଦେଇ ନିଶା ନିବାରଣ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କଲେଜର ଏନ୍‌ଏସ୍‌ଏସ୍ ଶାଖା ଛାତ୍ରୀଛାତ୍ରମାନେ କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ପ୍ଲାକାର୍ଡ ଧରି ସଚେତନ କରାଇଥିଲେ। ଆୟୋଜିତ ରଚନା ପ୍ରତିଯୋଗିତାରେ ଦୀପାଳି ବେହେରା ପ୍ରଥମ, ଗୌସିଆ ଫିରୋଜ୍ଜ ଦ୍ୱିତୀୟ ଓ ଶିବାନୀ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ।

## ଆଜି କ'ଣ କେଉଁଠି

ସମ୍ବଲପୁର

- ୮୫ତମ ତ୍ରିମୂର୍ତ୍ତି ଶିବ ଜୟନ୍ତୀ, ଦାନୀବନ୍ଧ ଶିବଦର୍ଶନ ଭବନ, ସକାଳ ୮ଟା।
- ଜୁନିୟର ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ହାୱା ମଇଦାନ, ସକାଳ ୮ଟା।
- ଶିବରାତ୍ରି ମହୋତ୍ସବ, ମାନେଶ୍ୱର ମାନଧାତା ବାବା ପୀଠ, ପୂର୍ବାହ୍ନ ୯ଟା।

## ସଂକ୍ଷେପରେ

### ନଗଦ ଟଙ୍କା, ସୁନା ଚୋରି

ରେଢ଼ାଖୋଲ,୧୦।୩ (ଡି.ଏନ.ଏ.): ରେଢ଼ାଖୋଲ ସହର ଦେହୁରି ସାହିର ପ୍ରମୋଦ ପ୍ରଧାନଙ୍କ ଘର ଝରକା ଗ୍ରୀଲ ଭାଙ୍ଗି ମଙ୍ଗଳବାର ରାତିରେ ଦୁର୍ବୃତ୍ତମାନେ ନଗଦ ୭ହଜାର ଟଙ୍କା ଓ ୮ ଭରି ଓଜନର ସୁନା ଗହଣା ଚୋରି କରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କେସ୍ ନଂ.୫୦ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଖୁବ୍‌ଶୀଘ୍ର ଦୁର୍ବୃତ୍ତମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି।

### ୧୯ ବର୍ଷରୁ କମ୍ ଓ ସିନିୟର ଲିଗ୍ ପାଇଁ ରେଜିଷ୍ଟ୍ରେଶନ ୧୫ରୁ

ଦେବଗଡ଼, ୧୦।୩ (ଡି.ଏନ.ଏ.):ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ୧୯ ବର୍ଷରୁ କମ ଓ ସିନିୟରଙ୍କ ପାଇଁ ଅନୁଷ୍ଠିତ ହେବାକୁ ଥିବା ଘରୋଇ କ୍ରିକେଟ ଦେବଗଡ଼ ଜିଲାରେ ଆରମ୍ଭ ହେବ। ଏଣୁ ଦେବଗଡ଼ ଜିଲାର ଇଚ୍ଛୁକ କ୍ରିକେଟ ଖେଳାଳିମାନେ ଉପଯୁକ୍ତ ପ୍ରମାଣପତ୍ର ସହ ନିଜ ନାମ ୧୫ ତାରିଖରୁ ରେଜିଷ୍ଟ୍ରେସନ କରିବାକୁ ଜିଲା କ୍ରିକେଟ ସଂଘ ସମ୍ପାଦକ ସୁଜିତ କୁମାର ପ୍ରଧାନ ଅନୁରୋଧ କରିଛନ୍ତି । ଏହି ଲିଗ୍ ମ୍ୟାଚ ଗୁଡିକରୁ ଜିଲାର ଶ୍ରେଷ୍ଠ ଖେଳାଳି ଚୟନ କରାଯାଇ ଆଗାମୀ ଦିନରେ ଦେବଗଡ଼ ଜିଲା ପକ୍ଷରୁ ୧୯ ବର୍ଷରୁ କମ ଓ କଳାହାଣ୍ଡି କପ ପାଇଁ ଜିଲାରୁ ପ୍ରତିନିଧିତ୍ୱ କରିବେ ବୋଲି ସମ୍ପାଦକ ଶ୍ରୀ ପ୍ରଧାନ ପ୍ରେସ ବିବୃତିରେ ଜଣାଇଛନ୍ତି ।

### ଅଡିଓ ଭାଇରାଲ୍ ପ୍ରସଙ୍ଗ: ଜିଲାପାଳଙ୍କୁ ଫେରାଦ

ଝାରସୁଗୁଡ଼ା ଅଫିସ୍,୧୦।୩: ଝାରସୁଗୁଡ଼ା ବ୍ଲକ୍ ହିର୍ମା ପଞ୍ଚାୟତ ଜିଆର୍‌ଏସ୍ ରାଧେଶ୍ୟାମ ସାହୁଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ଅନୁଗତ ବିଶ୍ୱନାଥ ତ୍ରିପାଠୀ ଫୋନ୍‌ରେ ଧମକ୍ ଦେଉଥିବା ଏକ ଅଡିଓ ଭାଇରାଲ୍ ହେବା ପରେ ବିଭିନ୍ନ ରାଜନୈତିକ ଦଳ ଏହାର ପ୍ରତିବାଦ କରିଛନ୍ତି। କଂଗ୍ରେସ ତରଫରୁ ବୁଧବାର ଜିଲା ସଭାପତି ଭରତ ଅଗସ୍ତୀଙ୍କ ନେତୃତ୍ୱରେ ଉପସଭାପତି ସାଂଯାରାମ ଦାସ, ସାଧାରଣ ସମ୍ପାଦକ ଜୀବନ ସାର୍ଥକ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ପ୍ରଦୀପ୍ତା ପାତ୍ର, ଭଗୀରଥ ପାତ୍ର ଓ ମନିଷ ବାଜପେୟୀ ପ୍ରମୁଖ ଜିଲାପାଳ ସରୋଜ ସାମଲଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି ଜିଆର୍‌ଏସ୍ ସାହୁ ଜଣେ ସରକାରୀ କର୍ମଚାରୀ ହୋଇଥିବାବେଳେ ଜଣେ ଦଳୀୟ କର୍ମୀ ତାଙ୍କୁ ଗାଳିଗୁଲଜ କରିବା ସହ ଧମକ୍ ଦେବା ନେଇ ସେ ଜିଲା ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ହେଲେ ଜିଲା ପ୍ରଶାସନ ନୀରବ ରହିବା ଦୁର୍ଭାଗ୍ୟଜନକ ବୋଲି ସଭାପତି ଅଗସ୍ତୀ କହିଛନ୍ତି। ଏହାର ତଦନ୍ତ କରାଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି। ଏହା ନ ହେଲେ ଜିଲା କଂଗ୍ରେସ କମିଟି ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି ।

# ବନ୍ଦ ହେବ ସମ୍ବଲପୁର ରୋଡ୍ ଷ୍ଟେଶନ

■ ୧୨୮ ବର୍ଷ ଧରି ଯୋଗାଇଆସୁଛି ସେବା
■ ରେଳପଥ ଦୋହରୀକରଣ ପାଇଁ ନିଷ୍ପତ୍ତି

ସମ୍ବଲପୁର,୧୦।୩ (ବ୍ୟୁରୋ)

ଦେଶ ସ୍ୱାଧୀନ ପୂର୍ବରୁ ଅର୍ଥାତ୍ ୧୮୯୦ ମସିହାରେ ନିର୍ମାଣ ହୋଇଥିବା ସମ୍ବଲପୁର ରୋଡ୍ ଷ୍ଟେଶନ ବନ୍ଦ ହେବ। ଏ ନେଇ ରେଳ ସଦନ ଭୁବନେଶ୍ୱରର ପ୍ରିନ୍ସିପାଲ ଚିଫ୍ ଅପରେଶନ ମ୍ୟାନେଜରଙ୍କ ପକ୍ଷରୁ ନୋଟିସ୍ କରାଯାଇଛି। ସମ୍ବଲପୁର ରେଳ ମଣ୍ଡଳକୁ ମଧ୍ୟ ଏ ନେଇ ଅବଗତ କରାଯାଇଛି। ସମ୍ବଲପୁର-ଅନୁଗୋଳ ରେଳପଥ ଦୋହରୀକରଣ ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି। ପୂର୍ବରୁ ୧୯୯୨-୯୩ରେ ଷ୍ଟେଶନ ବନ୍ଦ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ବିରୋଧ କରାଯିବାରୁ ଏହାକୁ ସ୍ଥଗିତ ରଖାଯାଇ ଷ୍ଟେଶନ ଭିତ୍ତିଭୂମିର ବିକାଶ କରାଯାଇଥିଲା। ବର୍ତ୍ତମାନର ଏହି ନିଷ୍ପତ୍ତି ପ୍ରଚାର ହେବା ପରେ ଜନ ଅସନ୍ତୋଷ ଦେଖାଦେଇଛି।

ପ୍ରାୟ ୧୨୮ ବର୍ଷ ଧରି ସେବା ଯୋଗାଇ ଆସୁଥିବା ଏହି ଐତିହାସିକ ଷ୍ଟେଶନ ବନ୍ଦ ହେବାକୁ ରେଳ ବିଭାଗ ନିଷ୍ପତ୍ତି ନେଇଛି। ପ୍ରଥମେ ଡାକ ଓ ସାମଗ୍ରୀ ନେବା ପାଇଁ ଏହି ଷ୍ଟେଶନକୁ ବ୍ୟବହାର କରାଯାଇଥିଲା। ପରବର୍ତ୍ତୀ ସମୟରେ ଟ୍ରେନ ରହଣି ହେବାରୁ ଯାତ୍ରୀମାନଙ୍କ ଯାତାୟାତ ସୁବିଧା କରାଯାଇଥିଲା। ସହରର ମୁଖ୍ୟ ସ୍ଥାନରେ ଷ୍ଟେଶନ ଥିବାରୁ ରାତିଅଧରେ ମଧ୍ୟ ଲୋକେ ଯିବାଆସିବାରେ ସୁରକ୍ଷିତ ମନେକରନ୍ତି। ଏବେ ଷ୍ଟେଶନରେ ଟିକେଟ କାଉଣ୍ଟର, ଯାତ୍ରୀ ପ୍ରତୀକ୍ଷାଳୟ ଭଳି ସମସ୍ତ ସୁବିଧା ରହିଛି। ତେଣୁ କେବଳ ସମ୍ବଲପୁର ନୁହେଁ, ଆଖପାଖ ଜିଲାବାସୀ ମଧ୍ୟ ଏହି ଷ୍ଟେଶନ ଉପରେ ନିର୍ଭର କରନ୍ତି। ରେଳ ବିଭାଗ ପକ୍ଷରୁ କୁହାଯାଇଛି ଯେ, ସମ୍ବଲପୁର-ଅନୁଗୋଳ ରେଳପଥ ୧୯୯୮ମସିହାରେ ଆରମ୍ଭ ହୋଇଥିଲା। ଗୋଟିଏ ରେଳ ଲାଇନ୍‌ରେ ଏବେ ମାଲବାହୀ ଓ ଯାତ୍ରୀବାହୀ ଟ୍ରେନ ଚଳାଚଳ କରୁଛି। ପ୍ରତିଦିନ ହାରାହାରି ୩୦ରୁ ଅଧିକ ଟ୍ରେନ ଯିବାଆସିବା କରିଥାଏ। ସମ୍ବଲପୁର ରେଳମଣ୍ଡଳର ପ୍ରମୁଖ ବ୍ୟବସାୟ ସ୍ଥଳ ହେଉଛି ଅନୁଗୋଳ। ଏହି ଷ୍ଟେଶନରୁ ଅଧିକ ରାଜସ୍ୱ ଆଦାୟ ହୋଇଥାଏ। ଗୋଟିଏ ଲାଇନ୍ ଥିବାରୁ ମାଲବାହୀ ଟ୍ରେନ ଓ ଯାତ୍ରୀ ଟ୍ରେନ ଯିବାଆସିବାରେ ସମସ୍ୟା ହେଉଛି। ଯଦି ମାଲ ପରିବହନ ଟ୍ରେନକୁ ଅଗ୍ରାଧିକାର ଦିଆଯାଉଛି ତା'ହେଲେ ଯାତ୍ରୀମାନେ ଅସୁବିଧା ଭୋଗୁଛନ୍ତି। ଏଭଳି ସମସ୍ୟା ଯୋଗୁ ସମ୍ବଲପୁର-ଅନୁଗୋଳ ରେଳପଥକୁ ଦୋହରୀକରଣ ଓ ଉନ୍ନତୀକରଣ ଯୋଜନା କରି ପ୍ରକଳ୍ପ ନିର୍ମାଣାଧୀନ ରହିଛି। ଦୋହରୀକରଣ କାମ ପ୍ରାୟ ସମ୍ପୂର୍ଣ୍ଣ ହେବାକୁ ବସିଲାଣି। ହେଲେ ସମ୍ବଲପୁର ରୋଡ୍ ଷ୍ଟେଶନ ବାଧା ସୃଷ୍ଟି କରୁଥିବାରୁ ଏହାକୁ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିବା ସୂଚନା ଦିଆଯାଇଛି।


ସମ୍ବଲପୁର ରୋଡ୍ ଷ୍ଟେଶନ।

# ଭିମ୍‌ସାର ନର୍ସିଂ କଲେଜ ଅଧକ୍ଷା ଅପସାରିତ

ସମ୍ବଲପୁର,୧୦।୩(ବ୍ୟୁରୋ)

ସମ୍ବଲପୁର ଜିଲା ବୁର୍ଲାସ୍ଥିତ ଭିମ୍‌ସାର ନର୍ସିଂ କଲେଜ ଅଧକ୍ଷା ଲିଲାରାନୀ ସ୍ୱାଇଁଙ୍କୁ ତାଙ୍କ ପଦରୁ ଅପସାରିତ କରାଯାଇଛି। ଭିମ୍‌ସାର ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର ଏହି ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ସ୍ଥାନରେ ଡାକ୍ତର ଗୀତାଞ୍ଜଳି ବେହେରାଙ୍କୁ ନିଯୁକ୍ତି ଦିଆଯାଇଛି। ଏହାସହ ସ୍ୱାଇଁଙ୍କୁ ଶୀଘ୍ର ଦାୟିତ୍ୱ ପ୍ରଦାନ କରିବାକୁ ନିର୍ଦ୍ଦେଶରେ ଉଲ୍ଲେଖ ହୋଇଛି। ସୂଚନାଯୋଗ୍ୟ, ୨୦୧୮ ମସିହାରୁ ଲିଲାରାନୀ ଭିମ୍‌ସାର ନର୍ସିଂ କଲେଜର ଅଧକ୍ଷା ଭାବେ କାର୍ଯ୍ୟ କରିଆସୁଥିଲେ। ତାଙ୍କ ବିରୋଧରେ ଆର୍ଥିକ ଅନିୟମିତତା, କାର୍ଯ୍ୟ ସମ୍ପାଦନାରେ ଅବହେଳା କରିବା ଭଳି ଅଭିଯୋଗ ରହିଥିଲା। ଛାତ୍ରୀଛାତ୍ର ଭିମ୍‌ସାର ନିର୍ଦ୍ଦେଶକଙ୍କଠାରେ ଏହି ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଏହାର ନକଲ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ, ଜିଲାପାଳ, ବିଧାୟକ, ଏମ୍‌ପିଙ୍କୁ ପ୍ରଦାନ କରିଥିଲେ। ଏହାର ତଦନ୍ତ ପାଇଁ ଏକ କମିଟି ଗଠନ କରାଯାଇଥିଲା।

# ରିପୋର୍ଟରେ ଚଞ୍ଚକତା, ଡିଏଓଙ୍କୁ ଘେରିଲେ ଚାଷୀ


ଜିଲା କୃଷି ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି କୃଷକ ସଙ୍ଗଠନ ନେତା ।

■ ହିଣ୍ଡାଲ୍‌କୋ ଫ୍ଲୋରାଇଡ୍ ଗ୍ୟାସ୍‌ରେ ଫସଲ ନଷ୍ଟ ଘଟଣା

ସମ୍ବଲପୁର, ୧୦।୩ (ବ୍ୟୁରୋ)

ସମ୍ବଲପୁର ଜିଲା ହୀରାକୁଦସ୍ଥିତ ହିଣ୍ଡାଲ୍‌କୋ କମ୍ପାନୀରୁ ନିର୍ଗତ ଫ୍ଲୋରାଇଡ୍ ଗ୍ୟାସ୍‌ରେ ଧାନ ଫସଲ ନଷ୍ଟ ଘଟଣାରେ କ୍ଷତିପୂରଣ ଦେବାକୁ ଫେବୃୟାରୀ ୨୪ ତାରିଖରେ କମ୍ପାନୀ ରାଜି ହୋଇଛି। ହେଲେ ରାଜସ୍ୱ ବିଭାଗର ଚୂଡ଼ାନ୍ତ ତାଲିକାରେ ପୂର୍ବରୁ ଦିଆଯାଇଥିବା କ୍ଷତିଗ୍ରସ୍ତ ଜମି ପରିମାଣ ହ୍ରାସ କରାଯାଇ ୬୦ ଏକର ଦର୍ଶାଯାଇଛି। ଏହାକୁ ବିରୋଧ କରି ଜୟଦୁର୍ଗା କୃଷକ ସଂଗଠନ ଓ ଜିଲା କୃଷକ ସଂଗଠନ ସଦସ୍ୟ ମିଳିତ ଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ (ଡିଏଓ)ଙ୍କୁ ବୁଧବାର ଘେରାଉ କରିଛନ୍ତି। କୃଷି ଅଧିକାରୀ ସନ୍ତୋଷ କୁମାର ରାୟ ତହସିଲଦାରଙ୍କ ସହ ଏ ବିଷୟରେ ଆଲୋଚନା କରି ପଦକ୍ଷେପ ନେବେ ବୋଲି ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନାଯୋଗ୍ୟ ୨୦୨୦ ଅଗଷ୍ଟ ମାସରୁ କମ୍ପାନୀ ପାର୍ଶ୍ୱରେ ଫ୍ଲୋରାଇଡ୍ ଗ୍ୟାସ୍ ନିର୍ଗତ ହୋଇ ଧାନଫସଲ ନଷ୍ଟ ହୋଇଥିଲା। କୃଷି ବିଶେଷଜ୍ଞ, ରାଜସ୍ୱ ବିଭାଗ, କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନେଇ କ୍ଷୟକ୍ଷତି ଆକଳନ କରାଯାଇଥିଲା। ୧୦୪ ଜଣ ଚାଷୀଙ୍କ ୧୪୭ ଏକର ୮୭ ଡେସିମିଲ ଜମିରେ ଫସଲ ନଷ୍ଟ ହୋଇଥିବା ରିପୋର୍ଟ କରାଯାଇଥିଲା। ଜିଲା କୃଷି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ କୃଷି ଅଧିକାରୀ ରାୟଙ୍କ ଅଧ୍ୟକ୍ଷତାରେ କମ୍ପାନୀ ଓ ପ୍ରଭାବିତ ଚାଷୀଙ୍କ ତ୍ରିପାକ୍ଷିକ ବୈଠକ ହୋଇଥିଲା। ଏଥିରେ କମ୍ପାନୀ ଏକର ପିଛା ୧୩ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ରାଜି ହୋଇଥିଲା। ହେଲେ ଏହି ନିଷ୍ପତ୍ତିକୁ କମ୍ପାନୀ ପାଳନ କଲା ନାହିଁ।

# ଭାଜପାର ୨ ଘଣ୍ଟିଆ ରାସ୍ତାରୋକୋ

ସମ୍ବଲପୁର,୧୦।୩(ବ୍ୟୁରୋ)

ସମ୍ବଲପୁର ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥର ମାନେଶ୍ୱର ଛକରେ ବୁଧବାର ଭାଜପା ପକ୍ଷରୁ ୨ ଘଣ୍ଟିଆ ରାସ୍ତାରୋକୋ କରାଯାଇଥିଲା। ଏହି ଅବସରରେ ରେଙ୍ଗାଲି ବିଧାୟକ ତଥା ଭାଜପା ରାଜ୍ୟ ଉପସଭାପତି ନାଉରୀ ନାଏକ କହିଥିଲେ, ଭାଜପା ପକ୍ଷରୁ ଚାଷୀଙ୍କ ଅଧିକାର ରାଲି ସହ ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ପଶ୍ଚିମ ଓଡିଶାରେ ଆଜି ମଧ୍ୟ ଲକ୍ଷାଧିକ କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡିରହିଛି। ଗତ ବିଧାନସଭା ଅଧିବେଶନରେ ଭାଜପା ଏହି ପ୍ରସଙ୍ଗ ଉଠାଇଥିଲା। ବିଭାଗୀୟ ମନ୍ତ୍ରୀ ବଳକା ସମସ୍ତ ଧାନ ସଂଗ୍ରହ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ୧୦ଦିନ ବିତିଯାଇଥିଲେ ମଧ୍ୟ ଧାନ ମଣ୍ଡିରୁ ଉଠିଲା ନାହିଁ। ବନ୍ଦ ଭଳି ଦାବି ଉପସ୍ଥାପନ କରିଥିଲେ। ଏହାଛଡା ସରକାର ଜଳସେଚିତ ଜମି ପାଇଁ ୧୯ କୁଇଣ୍ଟାଲ ଓ ଅଣଜଳସେଚିତ ପାଇଁ ୧୩ କୁଇଣ୍ଟାଲ ଧାନ ବିକ୍ରି ପରିମାଣ କରିଥିବାରୁ ଚାଷୀମାନଙ୍କ ପାଖରେ ବଳକା ଧାନ ରହିଛି। ଏହାର ସମାଧାନ ନ କଲେ ଆଗାମୀ ଦିନରେ ଆନ୍ଦୋଳନ ଉଗ୍ରରୂପ ନେବ ବୋଲି ନେତାମାନେ ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ରବି ନାଏକ, ଭାଜପା ଜିଲା ସଭାପତି ଗିରିଶ ପଟେଲ, ଧନୁପାଲି ମଣ୍ଡଳ ସଭାପତି ପ୍ରକାଶ ସାହୁ, ଚନ୍ଦ୍ର ଶେଖର ପଣ୍ଡା, ଅଶ୍ୱିନୀ ମାଝି, କର୍ଣ୍ଣେଲ ପ୍ରଭାତ ପଣ୍ଡା, ଡାକ୍ତର ରାଜକୁମାର ପଣ୍ଡା, ସରୋଜ କୁମାର ଘଡେଇ, ପ୍ରଭୁଦତ୍ତ ପଣ୍ଡା, ମହେଶ ରାଏ, ମାନସ ପଣ୍ଡା, ସୁଜାତା ଗୁରୁ, ସବିତା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସୁରକ୍ଷା ଦୃଷ୍ଟିରୁ ସଦର ଏସ୍‌ଡିପିଓ ତପନ କୁମାର ମହାନ୍ତି, ସଦର ଥାନା ଅଧିକାରୀ ଚିନ୍ତାମଣି ପ୍ରଧାନଙ୍କ ସମେତ ପୋଲିସ ଫୋର୍ସ ମୁତୟନ ଥିଲେ।


ରାସ୍ତାରୋକୋରେ ସାମିଲ ହୋଇଥିବା ଭାଜପା ନେତା ଓ କର୍ମୀ।

# ଗୋହିରା ମଧ୍ୟମ ଜଳସେଚନ ପ୍ରକଳ୍ପ ପାଣି ପଞ୍ଚାୟତ ଶୀର୍ଷ କମିଟିର ନିର୍ବାଚନ

ଦେବଗଡ଼,୧୦।୩(ଡି.ଏନ.ଏ)

ଗୋହିରା ଡ୍ୟାମ ଡାକବଙ୍ଗଳାଠାରେ ଗୋହିରା ମଧ୍ୟମ ଜଳସେଚନ ପ୍ରକଳ୍ପ ପାଣି ପଞ୍ଚାୟତ ଶୀର୍ଷ କମିଟିର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ଅଧିକାରୀ ତଥା ସମ୍ବଲପୁର ମଧ୍ୟମ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ନିର୍ବାଚନ ପ୍ରକ୍ରିୟାରେ ୧୯ଟି ପାଣି ପଞ୍ଚାୟତର ସଦସ୍ୟ ଯୋଗ ଦେଇଥିଲେ। ସଭାପତି ଭାବେ ପର୍ଶୁରାମ ଗଡନାୟକ, ସମ୍ପାଦକ ଭାବେ ଜଗନ୍ନାଥ ପ୍ରଧାନ ଓ କୋଷାଧ୍ୟକ୍ଷ ଭାବେ ସୁନୀଲ କୁମାର ପ୍ରଧାନ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ନିର୍ବାଚନ ପରିଚାଳନାରେ ଗୋହିରା ପ୍ରକଳ୍ପର ସହକାରୀ ଯନ୍ତ୍ରୀ ଦୁର୍ଯୋଧନ ସାହୁ , କନିଷ୍ଠ ଯନ୍ତ୍ରୀ ବିମଳ କୁମାର ବାରା, ପ୍ରଶାନ୍ତ କିଷାନ ଏବଂ ହୃଦାନନ୍ଦ ପୃଷ୍ଟି ସହଯୋଗ କରିଥିଲେ। ଏହି ନିର୍ବାଚନ ସମୟରେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ପ୍ରକାଶ କୁମାର ଆଚାର୍ଯ୍ୟ, ଶରତ କୁମାର ସାହୁ, ତାବଡା ପଞ୍ଚାୟତର ସରପଞ୍ଚ ପାଞ୍ଜିଆ ଭୋଇ, ଗୁଣ୍ଡିଆପାଲି ସରପଞ୍ଚ ଚାନ୍ଦମଣି ଗଡନାୟକ, ଆଡସ ସରପଞ୍ଚ ପୂଜାରାଣୀ ସାହୁ, ବରୁଣ କୁମାର ମିତ୍ର, ମାନସ କୁମାର ନାଥ ଓ ନରେଶ କୁମାର ନାଥ ପ୍ରମୁଖ ଉପସ୍ଥିତ ଥିଲେ ।

# ଶୁଦ୍ଧୀକରଣ ସହ ହୋମ ଆୟୋଜନ

ଦେବଗଡ଼,୧୦।୩(ଡି.ଏନ.ଏ)

ସହରର ମଧ୍ୟସ୍ଥଳିରେ ଥିବା ଶ୍ରୀଶ୍ରୀ ଗୋପାଳଜୀ ମନ୍ଦିର ପ୍ରାଙ୍ଗଣରେ ବଜରଙ୍ଗ ଦଳର ଆହ୍ୱାନ କ୍ରମେ ମନ୍ଦିର ସୁରକ୍ଷା ସମ୍ପର୍କୀତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆବାହକ ତଥା ବଜରଙ୍ଗ ଦଳର ଜିଲା ସଂଯୋଜକ ଡିଲେଶ୍ୱର ମହାପାତ୍ରଙ୍କ ପ୍ରସ୍ତାବ ଓ ଶୁଭ୍ରାଂଶୁ ଶେଖର ଗୁରୁଙ୍କ ସମର୍ଥନ କ୍ରମେ ପୂର୍ବତନ ନଗରପାଳ ସୁଶୀଳ କୁମାର କପରଦାର ଏଥିରେ ଅଧକ୍ଷତା କରିଥିଲେ। ଗତ ୫ ତାରିଖ ମନ୍ଦିର ପ୍ରାଙ୍ଗଣରେ ଥିବା ନବ ନିର୍ମିତ ସାଂସ୍କୃତିକ ମଣ୍ଡପଠାରେ ଆୟୋଜିତ ବିବାହ ଉତ୍ସବରେ ଆମିଷ ଭୋଜି ହୋଇଥିବାରୁ ଏନେଇ ବହୁ ଜନସାଧାରଣ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏ ନେଇ ଏକ ସାଇନ ବୋର୍ଡ ସ୍ଥାପନ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା। ଏଥିସହ 'ଗୋପାଳଜୀଉ ମନ୍ଦିର ସୁରକ୍ଷା କମିଟି ଗଠନ, ମନ୍ଦିର ପରିସରରେ ଥିବା ବାଡକୁ ହଟାଇବା, ମନ୍ଦିର ଶୁଦ୍ଧିକରଣ ନିମନ୍ତେ ହୋମ ଆୟୋଜନ କରାଯିବା ଓ ଏଥିପାଇଁ ଘରୁଘରୁ ଗଙ୍ଗାଜଳ ସଂଗ୍ରହ ପାଇଁ ଅନୁରୋଧ କରାଯିବା ନିଷ୍ପତି ହୋଇଥିଲା। ଆଗାମୀ ୧୪ ତାରିଖ ରବିବାର ମନ୍ଦିର ଶୁଦ୍ଧିକରଣ ସହ ନଗର କୀର୍ତ୍ତନ ପାଇଁ ମଧ୍ୟ ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ ବଜରଙ୍ଗ ଦଳର ପ୍ରଭାଶ ଚନ୍ଦ୍ର ମିଶ୍ର, ଆଲୋକ କୁମାର ମିଶ୍ର, ଅରୁଣ କୁମାର ଟାଲି, ସୁନୀଲ କୁମାର ଯାଦବ, ପବିତ୍ର ପୂଜାରୀ, ନବୀନ କୁମାର ପାଣି, ଦିଲ୍ଲୀପ କୁମାର ପାତ୍ରୀ, ସୁନୀଲ କୁମାର ବର୍ମ, ସଂଗ୍ରାମଜିତ କୁଅଁର, ଚକ୍ରଧର ମହାନ୍ତି, ସୁଶୀଲ କୁମାର କର, କିଶୋର କୁମାର ବେହେରା, ଅର୍ଜୁନ ଦାସ,ରାମଚନ୍ଦ୍ର ପ୍ରଧାନ, ରମଣୀ ରଞ୍ଜନ ଆଚାର୍ଯ୍ୟ ଓ ଦିଲ୍ଲୀପ କୁମାର ପ୍ରଧାନଙ୍କ ସମେତ ବହୁଜନସାଧାରଣ ଉପସ୍ଥିତ ଥିଲେ।

# ପ୍ରଧାନଶିକ୍ଷକଙ୍କ ବିରୋଧରେ ଅନିୟମିତତା ଅଭିଯୋଗ

ରେଢ଼ାଖୋଲ,୧୦।୩ (ଡି.ଏନ.ଏ.)

ରେଢ଼ାଖୋଲ ବ୍ଲକ ଭରତାପୁର ପଞ୍ଚାୟତର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବ୍ୟାପକ ଅନିୟମିତତା କରିଥିବା ନେଇ ସରପଞ୍ଚ, ଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ, ଅଭିଭାବକ ଜିଲା ଶିକ୍ଷାଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପତ୍ରରେ ଦର୍ଶାଯାଇଛି ଯେ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଆଶିଷ ରଞ୍ଜନ ଦାସ ୨୦୧୯-୨୦ ଆର୍ଥିକ ବର୍ଷରେ ୫୦ହଜାର ଟଙ୍କା ଅନୁଦାନରେ କେବଳ ଏକ ପ୍ରିଣ୍ଟର ମେଶିନ ୧୬ହଜାର ୨ଶହ ଟଙ୍କାରେ କିଣି ବାକି ଟଙ୍କା ଆତ୍ମସାତ୍ କରିଛନ୍ତି। ଲାଇବ୍ରେରି ଅନୁଦାନ ବାବଦରେ ମିଳିଥିବା ୬୨ ହଜାର ଟଙ୍କାରେ କୌଣସି ବହି କିଣାଯାଇ ନ ଥିବାବେଳେ ୟୁସି ଦାଖଲ କରାଯାଇଛି। ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କଠାରୁ ବାର୍ଷିକ ଫି ବାବଦରେ ୩୫୦ ଟଙ୍କା ଓ ଆଦିବାସୀ ହରିଜନ ଛାତ୍ରୀଛାତ୍ରଙ୍କଠାରୁ ବହି ବାବଦରେ ୫୦ ଟଙ୍କା ଆଦାୟ କରିଛନ୍ତି। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରପଞ୍ଚ ଦୁଃଖବନ୍ଧୁ ପ୍ରଧାନ, ନାଏବ ସରପଞ୍ଚ ବୈଦେହି ବେହେରା, ପରିଚାଳନା କମିଟି ସଭାପତି ଶାନ୍ତନୁ କୁମାର ପ୍ରଧାନ, ବିଦ୍ୟାଳୟର ଶିକ୍ଷକ ଅମୁଲ୍ୟରତ୍ନ ବିଶ୍ୱାଳ, ଖଗେଶ୍ୱର ନାଏକ, ଉପେନ୍ଦ୍ର ପ୍ରସାଦ ସେଠୀ, ସୁଷମା ପ୍ରଧାନ, ସୁରୁଚି ତାଣ୍ଡିଆ, ପ୍ରଭାକର ପରିଡା, ଅନିତା ଡୁଙ୍ଗଡୁଙ୍ଗଙ୍କ ସମେତ ବହୁ ଅଭିଭାବକଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଏହାର ନକଲ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ଦାସ କହନ୍ତି, ତାଙ୍କ ବିରୋଧରେ ମିଥ୍ୟା ଅଭିଯୋଗ କରାଯାଇ ଫସାଇଦେବାକୁ ଉଦ୍ୟମ କରାଯାଇଛି। ତଦନ୍ତ ହେଲେ ସମସ୍ତ କାଗଜାତ୍ ଦାଖଲ କରିବି। ବ୍ଲକ ଶିକ୍ଷାଧିକାରୀ ଭଗବାନ ବାଙ୍କିରା ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ ପରେ ତଦନ୍ତ କରାଯିବ ବୋଲି କହିଛନ୍ତି।

# 'ଜନପ୍ରତିନିଧିଙ୍କୁ ନେଇ ସଚେତନ କରାଯିବ'

■ ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିବା ଘଟଣା
■ ମାନେଶ୍ୱର ବ୍ଲକରେ ଜରୁରୀ ବୈଠକ

ସମ୍ବଲପୁର,୧୦।୩(ବ୍ୟୁରୋ)

ସମ୍ବଲପୁର ଜିଲାରେ ଥିବା ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିବା ଘଟଣାରେ ପ୍ରଶାସନ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି ବୋଲି ଜିଲାପାଳ ଶୁଭମ୍ ସକ୍‌ସେନା କହିଛନ୍ତି। ସେ କହିଛନ୍ତି, ପୋଲିସ, ବନ ବିଭାଗ ଓ ଅନ୍ୟ ବିଭାଗକୁ ନେଇ ବୈଠକ କରାଯାଇଛି। ବ୍ଲକସ୍ତରରେ ଜନ ପ୍ରତିନିଧିଙ୍କୁ ନେଇ ସଚେତନ କରାଯିବ। ଏବେ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। କୌଣସି ସ୍ଥାନରୁ ସେମିତି ବଡ ଖବର ଆସି ନାହିଁ। ଅନ୍ୟପଟେ ମାନେଶ୍ୱର ବ୍ଲକ ସଭାଗୃହରେ ଏହାକୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ନୀଳାମ୍ବର ମହାନନ୍ଦଙ୍କ ଅଧ୍ୟକ୍ଷତାରେ ବ୍ଲକ ଅଧ୍ୟକ୍ଷା ସୁରେଶିନି ଓରାମଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଜିଲା ପରିଷଦ ସଭ୍ୟାସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ପୋଲିସ, ବନ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ବିଡିଓ ମହାନନ୍ଦ କହିଥିଲେ, ଜଙ୍ଗଲରେ ଲାଗୁଥିବା ନିଆଁ ଅଧିକାଂଶ ମନୁଷ୍ୟକୃତ। କେନ୍ଦୁପତ୍ର ତୋଳିବା, ଚାଷ ଜମିରୁ ମହୁଲ ଫୁଲ ଗୋଟାଇବା ଆଦି କାରଣରୁ ନିଆଁ ଲଗାଇ ଦେଉଛନ୍ତି। ଯଦି ଏଭଳି ଘଟଣା ନଜରକୁ ଆସେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ ହେବ। ପଞ୍ଚାୟତ ସ୍ତରରେ ସଭା କରାଯାଇ ସଚେତନ କରାଯିବ ବୋଲି କହିଥିଲେ।



ମାନେଶ୍ୱର ବ୍ଲକ ସଭା ଗୃହରେ ଜରୁରୀ ବୈଠକ ।

# ଜଙ୍ଗଲ ପୋଡ଼ି ରୋକିବା ପାଇଁ ପ୍ରୟାସ

■ ନିଆଁ ଲାଗିଲେ ସୂଚନା ଦେବାକୁ ପରାମର୍ଶ
■ ଗାଁ ଗାଁରେ ହେବ ସଚେତନତା ସଭା
■ ପଞ୍ଚାୟତ ପ୍ରତିନିଧିଙ୍କୁ ଉପେକ୍ଷା ନେଇ ଅସନ୍ତୋଷ

ନାକଟିଦେଉଳ,୧୦।୩(ଡି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ଓ ଗିରିଶ୍ଚନ୍ଦ୍ରପୁର ବନାଞ୍ଚଳର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଛି। ଏହାକୁ ରୋକିବା ପାଇଁ ନାକଟିଦେଉଳ ବ୍ଲକ ପ୍ରଶାସନ ଓ ବନ ବିଭାଗ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ବୁଧବାର ବ୍ଲକ କାର୍ଯ୍ୟାଳୟରେ ବିଡିଓ ବିବେକାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବନ ବିଭାଗ, ଅଗ୍ନିଶମ, କେନ୍ଦୁପତ୍ର ବିଭାଗ ସମେତ ପଞ୍ଚାୟତ ପ୍ରତିନିଧି ଯୋଗଦେଇଥିଲେ। ଜଙ୍ଗଲ ପୋଡ଼ି ରୋକିବା ପାଇଁ କେବଳ ବନ ବିଭାଗ ନୁହେଁ ସମସ୍ତଙ୍କର ମିଳିତ ଉଦ୍ୟମ ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ଜଙ୍ଗଲରେ କୌଣସି ବ୍ୟକ୍ତି ନିଆଁ ଲଗାଇ ଗିରଫ ହେଲେ ଅନ୍ୟୂନ ୭ବର୍ଷ ପାଇଁ ଜେଲ ଦଣ୍ଡ ବ୍ୟବସ୍ଥା ରହିଥିବା ସମ୍ପର୍କରେ ବନ ଅଧିକାରୀ ସୂଚନା ଦେଇଥିଲେ। ଏଥିସହିତ ଜଙ୍ଗଲର କେଉଁଠାରେ ନିଆଁ ଲାଗିଲେ ତୁରନ୍ତ ବନ ବିଭାଗକୁ ଖବର ଦେବା ସହ ନିଆଁ ଲଗାଉଥିବା ବ୍ୟକ୍ତିଙ୍କ ସମ୍ପର୍କରେ ତ୍ୱରିତ ସୂଚନା ଦେବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟପକ୍ଷରେ ପଞ୍ଚାୟତ ପ୍ରତିନିଧିମାନଙ୍କୁ ନେଇ ବନ ବିଭାଗ ପକ୍ଷରୁ ବିଭିନ୍ନ ଗ୍ରାମରେ ସଚେତନତା ସଭା କରାଯିବା ସହ ଡାକବାଜି ଯନ୍ତ୍ର ଯୋଗେ ଜନସାଧାରଣଙ୍କୁ ସଚେତନ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ତେବେ ବିଭିନ୍ନ ସମୟରେ ଜଙ୍ଗଲ ପୋଡ଼ି ତଥା ଜଙ୍ଗଲ ସୁରକ୍ଷା ଦିଗରେ ବନ ବିଭାଗ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଉପେକ୍ଷା କରୁଥିବାରୁ କେତେକ ସରପଞ୍ଚ ବୈଠକରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବୈଠକରେ ତହସିଲଦାର ସୁକାନ୍ତ କୁମାର ନାଏକ, ନାକଟିଦେଉଳ ରେଞ୍ଜ ଅଫିସର ଅଶ୍ୱିନୀ କୁମାର ବେହେରା, ଗିରିଶ୍ଚନ୍ଦ୍ରପୁର ରେଞ୍ଜ ଅଫିସର ସୁଶାନ୍ତ କୁମାର ବନ୍ଧ, ଖଳାଶୁଣି ଅଭୟାରଣ୍ୟ କିସିଣ୍ଡା ରେଞ୍ଜ ଅଫିସର ରବୀନ କିସ୍କୋ, ନାକଟିଦେଉଳ ଅଗ୍ନିଶମ ବିଭାଗ ଅଧିକାରୀ ପାସକେଲ କୁଲୁ, ଘୋଷରାମାଳ ସରପଞ୍ଚ ଅମିତ ପାନ୍ନା, ଜାମୁଯୋରି ସରପଞ୍ଚ ଅଜିତ କୁମାର ପ୍ରଧାନ, ବଳମ ସରପଞ୍ଚ ବୀରେନ କୁମାର ପ୍ରଧାନ, ନାକଟିଦେଉଳ ସରପଞ୍ଚ ଶଙ୍କର୍ଷଣ ବିଶି ପ୍ରମୁଖ ଯୋଗଦେଇ ମତ ଉପସ୍ଥାପନ କରିଥିଲେ।


ବୈଠକରେ ବ୍ଲକ ପ୍ରଶାସନ ଓ ବନ ବିଭାଗ ଅଧିକାରୀଙ୍କ ସମେତ ଅନ୍ୟମାନେ।

## କାର୍ ଦୁର୍ଘଟଣାଗ୍ରସ୍ତ, ଚାଳକ ଗୁରୁତର



ବାଉଁଶୁଣୀ/ଜହ୍ନାପଙ୍କ,(ଡି.ଏନ.ଏ): ବୌଦ୍ଧ ଜିଲା ତେଲିବନ୍ଧ ଗ୍ରାମପଞ୍ଚାୟତ କମଳପୁର ନିକଟ ୫୭ ନଂ. ଜାତୀୟ ରାଜପଥରେ ଭାରସାମ୍ୟ ହରାଇ ଗୋଟିଏ କାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଗାଡି ଚାଳକ ଗୁରୁତର ହୋଇଛନ୍ତି। ସୋମବାର ବିଳମ୍ବିତ ରାତିରେ ଫେରୁଥିଲା। ଏହି ସମୟରେ କମଳପୁର ନିକଟରେ କାର୍‌ଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଗଛରେ ପିଟି ହୋଇ ରାସ୍ତା ତଳକୁ ଖସି ପଡିଥିଲା। ଫଳରେ ଗାଡି ଚାଳକଙ୍କ ପଟ ଚୂର୍‌ମାର ହୋଇଯାଇଛି । ଉକ୍ତ କାର୍‌ରେ ବରକନ୍ୟାଙ୍କ ସମେତ ୨ଜଣ ମହିଳା, ଜଣେ ଶିଶୁ ଥିବା ଜଣାପଡିଛି।

**ସଂକ୍ଷେପରେ**

### ମୃତ୍ତିକା ସଂରକ୍ଷଣ କର୍ମଶାଳା

ତଳଗାଁ,୧୦।୩(ଡି.ଏନ.ଏ): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଚାରିଛକ ସ୍ଥିତ କୃଷି ବିଭାଗ କାର୍ଯ୍ୟାଳୟରେ ମୃତ୍ତିକା ସଂରକ୍ଷଣ ବିଭାଗ ତରଫରୁ କୃଷି ଗ୍ରାମସେବକମାନଙ୍କୁ ନେଇ ଏକ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୃତ୍ତିକା ସଂରକ୍ଷଣ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ରାଘବ ମଲ୍ଲିକ, ସହକାରୀ କୃଷି ଅଧିକାରୀ କୃଷ୍ଣଚନ୍ଦ୍ର ବଘାର, ମୃତ୍ତିକା ସଂରକ୍ଷଣ ବିଭାଗ ଯନ୍ତ୍ରୀ ଜିତେନ୍ଦ୍ର କୁମାର ପ୍ରଧାନଙ୍କ ସମେତ ଗ୍ରାମସେବକମାନେ ଯୋଗ ଦେଇଥିଲେ। ଚଳିତ ୨୦୨୧-୨୨ ଆର୍ଥିକ ବର୍ଷର ୧ମ ପର୍ଯ୍ୟାୟରେ ୫ଶହ ଫାର୍ମ ପଣ୍ଡ ଆସିଛି। ସେଥିରୁ ୩୧୨ଟି ମଞ୍ଜୁର ହୋଇ ୨୬ଟି ପୋଖରୀ ଖୋଳା ସରିଥିବା କର୍ମଶାଳାରେ ସୂଚନା ଦିଆଯାଇଥିଲା। ଏହାର ତଦାରଖ ପାଇଁ କୃଷି ଅଧିକାରୀମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଶ୍ରମିକମାନେ ଯେଭଳି ଠିକ୍ ସମୟରେ କାର୍ଯ୍ୟ କରି ତାଙ୍କର ପ୍ରାପ୍ୟ ପାଇପାରିବେ କର୍ମଶାଳାରେ ଗୁରୁତ୍ୱ ଦିଆଯାଇଥିଲା।

### ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ ପାଇଁ ଆହ୍ୱାନ

ବୌଦ୍ଧ,୧୦।୩(ସ୍ୱ.ପ୍ର): ବୌଦ୍ଧ ବ୍ଲକ ଶିକ୍ଷା ବିଭାଗର ସମୀକ୍ଷା ସଭା ଓ ପୁରସ୍କାର କାର୍ଯ୍ୟକ୍ରମ ବୌଦ୍ଧ ବିଇଓ ଧ୍ରୁବ ଚରଣ ଘିବେଲାଙ୍କ ଅଧ୍ୟକ୍ଷତାରେ ବୁଧବାର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଜିଲାପାଳ ଲଲାଟେନ୍ଦୁ ମିଶ୍ର ମୋ ସ୍କୁଲ ଅଭିଯାନରେ ସମସ୍ତ ବିଦ୍ୟାଳୟ ସାମିଲ ହେବା ଓ ଜିଲା ଶିକ୍ଷା ସ୍ଥିତିକୁ ରାଜ୍ୟସ୍ତରରେ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଶିକ୍ଷକ ପ୍ରଶିକ୍ଷକ ଡ. ବାବୁରାମ ପାଣି ଡିଆଇଇଟି ସିଆରସିସି ସଂଯୁକ୍ତ ପଦ୍ଧତି ଉପରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲକୁ ପୁରସ୍କୃତ କରାଯାଇଥିଲା। ସହ ଗୋଷ୍ଠୀ ଶିକ୍ଷାଧିକାରୀ କମଳକାନ୍ତ ଦଳବେହେରା ଓ ପୁଷ୍ପାଳି ପୃଷ୍ଟି ସୂଚନା ପ୍ରଦାନ କରିଥିଲେ। ସିଆରସିସି ରାଜକୁମାର ପ୍ରଧାନ ଅତିଥି ପରିଚୟ ଓ ସୟ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଏପ୍ରିଲ ୧ରେ କଳା ଦିବସ ପାଳନ

ବଲାଙ୍ଗୀର ଅଫିସ, ୧୦।୩: ଚଳିତବର୍ଷ ଏପ୍ରିଲ ୧ ତାରିଖରେ କୋଶଳ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ କଳା ଦିବସ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି । ସମିତି ପକ୍ଷରୁ ସହଯୋଗୀ ସଙ୍ଗଠନଗୁଡିକୁ ନେଇ କୋଶଳାଞ୍ଚଳର ବିଭିନ୍ନ ଜିଲା ସଦର ମହକୁମା, ସବ୍‌ଡ଼ିଭିଜନ ଓ ବ୍ଲକ ସ୍ତରରେ କଳା ପତାକା ଉତ୍ତୋଳନ କରାଯାଇ ଗଣଧାରଣା ଦିଆଯିବ । କଳାବ୍ୟାଜ୍ ପରିଧାନ, ଓଡ଼ିଶା ମାନଚିତ୍ରରୁ କୋଶଳକୁ ଅଲଗା କରିବା, ଆବଶ୍ୟକ ସ୍ଥଳେ ରାସ୍ତା ଅବରୋଧ ଓ କୁଶ ପୁତ୍ତଳିକା ଦାହ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ହୋଇଛି ।

# ବସନ୍ତରେ ବୈଶାଖ ତାତି

ବରଗଡ଼ ଅଫିସ୍,୧୦।୩



ଲୋକେ ତାତି ଯୋଗୁ ମୁଣ୍ଡରେ ପଗଡ଼ି, ଓଢ଼ଣି ବାନ୍ଧି ଯାତାୟାତ କରୁଛନ୍ତି।

ବସନ୍ତ ଋତୁ ସରିନାହିଁ। ହେଲେ ବୈଶାଖର ତାତି ପରିଲକ୍ଷିତ ହେଲାଣି। ଦିନ ୧୧ଟାରୁ ତାତିର ପ୍ରକୋପ ଜଣାପଡୁଛି। ରାସ୍ତାଘାଟରେ ଲୋକଙ୍କ ଯାତାୟାତ କମିଯାଉଛି। ଗତପ୍ରାୟ ସପ୍ତାହକ ପୂର୍ବରୁ ବରଗଡ଼ ଜିଲାରେ ଏଭଳି ଅନୁଭୂତ ହେଉଛି। ତାତି ଯୋଗୁ ଲୋକେ ମୁଣ୍ଡରେ ପଗଡ଼ି, ଟୋପି ପିନ୍ଧିବା ସହିତ ଗାମୁଛା, ଛତା ଧରି ରାସ୍ତାରେ ଯାତାୟାତ କରୁଛନ୍ତି। ସେହିପରି ଝିଅମାନେ ମୁଣ୍ଡରେ ଓଢ଼ଣି, ହାତରେ ଗ୍ଲୋଭ୍‌ସ ପିନ୍ଧି ପଦାକୁ ବାହାରୁଥିବା ଦେଖିବାକୁ ମିଳିଛି। ଜିଲାରେ ପାଣିପାଗ ସୂଚନା କେନ୍ଦ୍ର ନାହିଁ। ଫଳରେ ଠିକ୍ ତାପମାତ୍ରା ଆକଳନ ହୋଇପାରୁନାହିଁ । ଗ୍ରୀଷ୍ମ ଆସିଲେ ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ କେନ୍ଦ୍ରରେ ଏକ ସାଧାରଣ ତାପମାପକ ଯନ୍ତ୍ର ତାପମାତ୍ରା ଆକଳନ କରାଯାଇଥାଏ। ମାତ୍ର ତାହା ଏଯାଏ ସ୍ଥାପନ କରାଯାଇ ନାହିଁ। ଜିଲାରେ ତାପମାତ୍ରା ବର୍ତ୍ତମାନ ୩୫ ଡିଗ୍ରୀ ଟପିଥିବା ଅନୁଭୂତ ହେଉଛି ।

ଅନ୍ୟପକ୍ଷେ ଜିଲାରେ ଗ୍ରୀଷ୍ମ ମୁକାବିଲା ନେଇ ଯେଭଳି ତତ୍ପରତା ପ୍ରକାଶ ପାଇବା କଥା, ତାହା ପରିଲକ୍ଷିତ ହୋଇନାହିଁ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସ୍କୁଲ, କଲେଜ ସକାଳୁଆ ହୋଇଛି। କିନ୍ତୁ ଜଳଛତ୍ର କିମ୍ବା ରାସ୍ତାକଡ଼ରେ ଆଶ୍ରୟସ୍ଥଳ ନାହିଁ । ଅନ୍ୟପଟେ ଥଣ୍ଡା ପାନୀୟର ଚାହିଦା ବଢ଼ିଛି। ଗ୍ରୀଷ୍ମ ପ୍ରବାହ ଯୋଗୁ ଦିନ ୧୨ଟା, ଗୋଟାଏରୁ ଦୋକାନ ବଜାର ବନ୍ଦ ହେଉଛି। ସେହିପରି ବାରମ୍ବାର ବିଦ୍ୟୁତ ବିଭ୍ରାଟ୍ ଲୋକଙ୍କୁ ବ୍ୟତିବ୍ୟସ୍ତ କରି ପକାଉଛି।

ବରଗଡ଼ର ଜଣେ ପରିବେଶବିତ୍ ଜେଠୁ ଭୋଇ କହିଛନ୍ତି, ନଦୀରୁ ବାଲି କାଢ଼ି ନିଆଯାଉଛି। ମାତ୍ରାଧିକ ପରିମାଣରେ ଗଭୀର ନଳକୂପ ଖନନ କରାଯାଉଛି। ଏହି ଦୃଷ୍ଟିରୁ ଦିନକୁ ଦିନ ଜଳସ୍ତର ହ୍ରାସ ପାଇବା ସହିତ ମାଟିର ଆର୍ଦ୍ରତା ମଧ୍ୟ କମି ଯାଉଛି। ଏହାସତ୍ତ୍ୱେ ଜଳ ସଂରକ୍ଷଣ ପାଇଁ ସରକାରଙ୍କ ଠୋସ୍ ଯୋଜନା ନାହିଁ। ଜଙ୍ଗଲରୁ ଗଛକଟା, ନିଆଁ ମଧ୍ୟ ଅନିୟନ୍ତ୍ରିତ ହୋଇ ପଡୁଛି । ଏହିସବୁ କାରଣରୁ ତାତି ବଢ଼ି ଚାଲିଛି । ବରଗଡ଼ର ଜଣେ ବରିଷ୍ଠ ନାଗରିକ ଶିବାନନ୍ଦ ମଟାରୀ କୁହନ୍ତି, ଏଥର ଗ୍ରୀଷ୍ମରେ ତାତି ଅସମ୍ଭାଳ ହେବ । ତାହା ଏବେଠାରୁ ବାରି ହୋଇ ପଡ଼ିଲାଣି। ଏହାକୁ ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବା ଜରୁରୀ ହୋଇ ପଡ଼ିଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡ଼ିଏମ୍‌ଓ) ଡା. ଅରୁଣ କୁମାର ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ଅଂଶୁଘାତ ରୋକିବା ପାଇଁ ଏଥର ବ୍ୟାପକ ପଦକ୍ଷେପ ନିଆଯାଇଛି। ପ୍ରତି ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଂଶୁଘାତ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରିତ କକ୍ଷ ଖୋଲାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଅଙ୍ଗନୱାଡ଼ି କର୍ମୀଙ୍କ ପାଖରେ ବ୍ୟାପକ ପରିମାଣରେ ଓଆରଏସ୍ ମହଜୁଦ ରଖାଯାଇଛି। ଅଧିକ ଖରାରେ ବାହାରକୁ ନ ଯିବା ପାଇଁ ସଚେତନତା ସୃଷ୍ଟି କରାଯାଉଛି ବୋଲି ସିଡିଏମ୍‌ଓ ପାତ୍ର କହିଥିଲେ।

## ଦୁଇ ବର୍ଷ ବିତିଲା: ମିଳୁନି ଉଜ୍ଜ୍ୱଳା ଗ୍ୟାସ୍

ଲାଠୋର,୧୦।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ କରୁଆଁଝର ପଞ୍ଚାୟତର ବହୁ ଗରିବ ପରିବାରର ମହିଳା ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ପାଇବାରୁ ବଞ୍ଚିତ ରହିଛନ୍ତି । ଏହି ଯୋଜନାରେ ସାମିଲ ପାଇଁ ଆବଶ୍ୟକ କାଗଜ ପତ୍ର ପ୍ରସ୍ତୁତ କରି କାର୍ଯ୍ୟାଳୟରେ ଦାଖଲ କରିବାର ଦୁଇ ବର୍ଷ ବିତି ଯାଇଥିଲେ ମଧ ରନ୍ଧନ ଗ୍ୟାସ ମିଳି ପାରିନାହିଁ ବୋଲି ଫୁଲ ନାଗ, ଗୀତା ନାଗ, ତେଜ ବାଗ, ବସୁମତୀ ଭୋଇ, ଦୁତିଆ ମାଝୀ, ସୁମିତ୍ରା ପୁଞ୍ଜି, ବୁଧବାରି ପୁଞ୍ଜି, ରୁଦନା ଭୋଇ ଅଭିଯୋଗ କରିଛନ୍ତି। ଉଜ୍ଜ୍ୱଳା ଦିଦି ବାରମ୍ବାର କାର୍ଯ୍ୟାଳୟକୁ ଯାଇ ମ୍ୟାନେଜରଙ୍କୁ ସାକ୍ଷାତ କରି ଲୋକଙ୍କୁ ଗ୍ୟାସ ପ୍ରଦାନ ପାଇଁ ଅନୁରୋଧ କରିଥିଲେ ହେଁ କୌଣସି ସୁଫଳ ମିଳି ପାରିନାହିଁ । ଜଣ ପିଛା ୭୮୫ ଟଙ୍କା ଲେଖାଏ ଜମା ଦେଲେ ଗ୍ୟାସ ପ୍ରଦାନ କରାଯିବ ବୋଲି କୁହାଯାଇ ସମୟ ଗଡାଯାଉଛି । ଏ ନେଇ ବ୍ଲକ ଯୋଗାଣ ଅଧିକାରୀଙ୍କୁ ଜଣା ଯାଇଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରା ଯାଇନାହିଁ। ସେହିପରି ଖପ୍ରାଖୋଲ ଯୋଗାଣ ଅଧିକାରୀ ରାଜାରାମ ହୋତାଙ୍କୁ ଯୋଗାଯୋଗ କରିବାରେ ଘଟଣାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ଆବାସ ଗୃହ ସମ୍ପୂର୍ଣ୍ଣ କରି ଶ୍ରମ ଟଙ୍କା ମିଳୁନି, ବିଡିଓଙ୍କୁ ଫେରାଦ



ବିଡିଓଙ୍କୁ ଫେରାଦ ହୋଇଥବବା ହିତାଧିକାରୀ।

ବୌଦ୍ଧ/ତଳଗାଁ, ୧୦।୩ (ସ୍ୱ.ପ୍ର/ଡି.ଏନ.ଏ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଛତରଙ୍ଗ ପଞ୍ଚାୟତ ଅଧୀନ ଟାଙ୍ଗରୁକୁପା ଗ୍ରାମର ୭ ଜଣ ହିତାଧିକାରୀ ୨/୩ ମାସ ହେଲା ଆବାସ ଘର ନିର୍ମାଣ ଶେଷ କରିସାରିଲେଣି। ଏ ନେଇ ସେମାନେ ଆବଶ୍ୟକ କାଗଜାତ ଦେଇଥିଲେ ମଧ୍ୟ ସେମାନଙ୍କୁ ଏମ୍‌ଜିଏନ୍‌ଆରଇଜିଏସ୍ ଅର୍ଥ ମିଳିନାହିଁ । ଫଳରେ ହିତାଧିକାରୀମାନେ ବୁଧବାର ବିଡିଓଙ୍କ ନିକଟରେ ଫେରାଦ ହୋଇଛନ୍ତି।

ଆବାସ ଗୃହ ସମ୍ପୂର୍ଣ୍ଣ ହେଲେ ହିତାଧିକାରୀଙ୍କୁ ସେମାନଙ୍କ ଶ୍ରମ ବାବଦ ୧୮ ହଜାର ୬୦୦ ଟଙ୍କା ମିଳିଥାଏ। ଟାଙ୍ଗରୁକୁପା ଗ୍ରାମର ଅଭିମନ୍ୟୁ ବେହେରା, ସୌରେନ୍ଦ୍ରୀ କହଁର, ସୂର୍ଯ୍ୟକାନ୍ତି ପ୍ରଧାନ, ଝାନ କହଁର, ସୁବେଈ ବେହେରା ଓ କଲି ବେହେରା ପ୍ରମୁଖ ହିତାଧିକାରୀ ସେମାନଙ୍କ ଆବାସ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରି ପଞ୍ଚାୟତରେ କାଗଜାତ ଦେଇଛନ୍ତି। ମାତ୍ର ୩ ମାସ ପରେ ମଧ ସେମାନଙ୍କୁ ଉକ୍ତ ଟଙ୍କା ମିଳିନାହିଁ । ଏ ନେଇ ହରଭଙ୍ଗା ବିଡିଓ ନୀଳକଣ୍ଠ ବେହେରାଙ୍କୁ ପଚାରିବାରୁ ଯଦି ଉକ୍ତ ପଞ୍ଚାୟତର ଜିଆରଏସ୍ ଶ୍ରମ ବାଦ ଟଙ୍କା ଦେଇ ନ ଥାନ୍ତି ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ। ସେହିପରି ଛତରଙ୍ଗ ସରପଞ୍ଚ ଶୁଶୀଲ କୁମାର ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ, ଏଇଟା ପୁରୁଣା କାମ ହୋଇଥିବ। ତେଣୁ ମିଳିବାରେ ବିଳମ୍ବ ହେଉଛି। ଏ ନେଇ ଜିଆରଏସ୍‌ଙ୍କୁ କୁହାଯାଇଛି ବୋଲି ସେ ପ୍ରକାଶ କରିଥିଲେ।

## କାର୍ଯ୍ୟାନୁଷ୍ଠାନ ଦାବିରେ ଦାବିପତ୍ର ପ୍ରଦାନ

ବଲାଙ୍ଗୀର ଅଫିସ, ୧୦।୩

ବଲାଙ୍ଗୀର ଜିଲାର ବିଭିନ୍ନ ମଣ୍ଡିରେ ଚାଷୀଙ୍କ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ହୋଇଥିବା ନେଇ ଅନେକ ଅଭିଯୋଗ ହୋଇଛି । ଧାନକିଣା ସମୟରେ ଚାଷୀଙ୍କ ଧାନ କୁଇଣ୍ଟାଲ ପିଛା ୮/୧୦ କେଜି କଟ୍‌ନି ଛଟ୍‌ନି କରାଯାଇଥିବା ଅଭିଯୋଗ ହୋଇଛି। ସେହିପରି ଏ ପର୍ଯ୍ୟନ୍ତ ଜିଲାର ଅନେକ ମଣ୍ଡିରେ ଶତାଧିକ କୁଇଣ୍ଟାଲ ଧାନ ବିକ୍ରୟ ନ ହୋଇ ପଡିରହିଛି। ମଙ୍ଗଳବାର ପାଟଣାଗଡ ଉପଖଣ୍ଡର ଏକ ଚାଷୀ ପ୍ରତିନିଧିମଣ୍ଡଳୀ ଜିଲାପାଳ କାର୍ଯ୍ୟାଳୟକୁ ଆସିଥିଲେ । ଏହି ପ୍ରତିନିଧିମଣ୍ଡଳୀ ବେଲପଡା ବ୍ଲକ ଅନ୍ତର୍ଗତ କେତେକ ନିର୍ଦ୍ଦିଷ୍ଟ ମଣ୍ଡିରେ ଜମିର କିସମ ପରିବର୍ତ୍ତନ କରି ହଜାର ହଜାର କୁଇଣ୍ଟାଲ ଧାନ ଦୁର୍ନୀତି କରାଯାଇଥିବା ଅଭିଯୋଗ କରିଛନ୍ତି । ଧୁମାଭଟା ମଣ୍ଡିର ସମ୍ପାଦକ ଓ ଡାଟା ଏଣ୍ଟ୍ରି ଅପରେଟର୍ସ (ଡିଇଓ) ଚାଷୀଙ୍କ ଜମି କିସମ ପରିବର୍ତ୍ତନ କରି ବ୍ୟାପକ ଦୁର୍ନୀତି କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ଏହି ବ୍ଲକର ମଣ୍ଡଳ, ବେଲପଡା ଓ ସୁଲେକେଲା ମଣ୍ଡିରେ ମଧ ଏଭଳି ଦୁର୍ନୀତି କରାଯାଇଥିବା ଅଭିଯୋଗ କରିଛନ୍ତି । ଏନେଇ ଉପଯୁକ୍ତ ତଦନ୍ତ କରାଗଲେ ବଡଧରଣର ଧାନକିଣା ଦୁର୍ନୀତି ଲୋକଲୋଚନକୁ ଆସିପାରିବ ବୋଲି ସେମାନେ କହିଛନ୍ତି। ଏ ସଂକ୍ରାନ୍ତରେ ଭିଜିଲାନ୍ସ ତଦନ୍ତ କରାଯିବାକୁ ଦାବି କରିଛନ୍ତି। ପୂର୍ବରୁ ମଧ ଏକ ଚାଷୀ ପ୍ରତିନିଧି ମଣ୍ଡଳୀ ଏଭଳି ଗୁରୁତର ଅଭିଯୋଗ ନେଇ ଜିଲାପାଳ କାର୍ଯ୍ୟାଳୟକୁ ଆସିଥିଲେ।



ଜିଲାପାଳ କାର୍ଯ୍ୟାଳୟକୁ ଆସିଥିବା ଚାଷୀ ପ୍ରତିନିଧି ମଣ୍ଡଳୀ ।

**ଜମି କିସମ ପରିବର୍ତ୍ତନ କରି ଧାନ ଦୁର୍ନୀତି**

## ଶିଶୁସୁରକ୍ଷା ସମାଧାନ ଶିବିର

ବୌଦ୍ଧ,୧୦।୩(ସ୍ୱ.ପ୍ର)

ବୌଦ୍ଧ ଶିଶୁବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ବୁଧବାର ଶିଶୁସୁରକ୍ଷା ସମାଧାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ବୌଦ୍ଧ ବ୍ଲକରୁ ଚିହ୍ନଟ ହୋଇଥିବା ୫୫ ମାତୃପିତୃହୀନ ଶିଶୁ ଶିଶୁମଙ୍ଗଳ ସମିତିରେ ଉପସ୍ଥିତ ହୋଇଥିଲେ। ଶିଶୁମାନଙ୍କ ବ୍ୟକ୍ତିଗତ, ପାରିବାରିକ ଓ ଅନ୍ୟାନ୍ୟ ସମସ୍ୟାକୁ କମିଟି ଦ୍ୱାରା ଆକଳନ କରି ସେମାନଙ୍କୁ ସରକାରଙ୍କ ସମନ୍ୱିତ ଶିଶୁସୁରକ୍ଷା ଯୋଜନାରେ କିପରି ସାମିଲ କରାଯାଇପାରିବ ସେ ବିଷୟରେ ସେମାନଙ୍କ ସମ୍ପର୍କୀୟଙ୍କ ସହ ଆଲୋଚନା କରାଯାଇଥିଲା। ଜିଲା ଶିଶୁସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୌଦ୍ଧ ବ୍ଲକ ସିଡିପିଓ ମିନତୀ ଦେଓ ଚିହ୍ନଟ ହୋଇଥିବା ଅସହାୟ ଶିଶୁମାନଙ୍କୁ ବ୍ଲକ ପ୍ରଶାସନ ତରଫରୁ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରିବା ସହ ଶିଶୁ ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ମତବ୍ୟକ୍ତ କରିଥିଲେ। ଏମାନଙ୍କୁ ମଧ୍ୟରୁ ଡିଡିୟୁଜିକେୱାଇ ସରୋଜ କୁମାର ସାହୁଙ୍କ ଦ୍ୱାରା ୧୦ଜଣ ଶିଶୁଙ୍କୁ ଧନ୍ଦାମୂଳକ ତାଲିମ ପାଇଁ ଚୟନ କରାଯାଇଥିଲା। ଶିଶୁମଙ୍ଗଳ ସମିତି ଅଧକ୍ଷ ସାକ୍ଷୀଗୋପାଳ ପ୍ରଧାନ, ସଦସ୍ୟ ସୀତାକାନ୍ତ ସାହୁ, ରାଧାକାନ୍ତ ବାଘ ଓ ସଦସ୍ୟା ପ୍ରଣୟିନୀ ଲେଙ୍କା ଉପସ୍ଥିତ ଥିଲେ। ଆଇସିଡିଏସ୍‌ର କର୍ମଚାରୀ, ଶିଶୁସୁରକ୍ଷା ୟୁନିଟ୍‌ର ସୁରକ୍ଷା ଅଧିକାରୀ ସହଦେବ ନାୟକ, ଧନଞ୍ଜୟ ଖମାରୀ, ସୁନୀଲ ବରିକ ପ୍ରମୁଖ ସହଯୋଗ କରିଥିଲେ।

## ପୋଲିସ ପଦକ ଗ୍ରହଣ କଲେ ସୁନୀଲ ମିଶ୍ର



ସୁନୀଲ ମିଶ୍ରଙ୍କୁ ପୋଲିସ ପଦକ ପ୍ରଦାନ କରାଯାଉଛି।

ବାଉଁଶୁଣୀ, ୧୦।୩ (ଡି.ଏନ.ଏ)

ଉଲ୍ଲେଖନୀୟ ସେବା ପାଇଁ ଗତ ସାଧାରଣତନ୍ତ୍ର ଦିବସରେ ରାଷ୍ଟ୍ରପତିଙ୍କ ଦ୍ୱାରା ଘୋଷିତ ପୋଲିସ ପଦକକୁ ସିଆଇଏସ୍‌ଏଫ୍ ଡେପୁଟି କମାଣ୍ଡାଣ୍ଟ ସୁନୀଲ କୁମାର ମିଶ୍ର ଗ୍ରହଣ କରିଛନ୍ତି। ବୁଧବାର ଗାଜିଆବାଦ ସ୍ଥିତ ୫ମ ରିଜର୍ଭ ବାଟାଲିୟନ ଗ୍ରାଉଣ୍ଡଠାରେ ସିଆଇଏସ୍‌ଏଫ୍ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ଏକ ଉତ୍ସବରେ ଭାରତ ସରକାରଙ୍କ ଗୃହ ବିଭାଗ ସଚିବ ଅଜୟ କୁମାର ବଲାଡ ତାଙ୍କୁ ଏହି ମେଡାଲ ପ୍ରଦାନ କରିଛନ୍ତି। ସମାରୋହରେ ସିଆଇଏସ୍‌ଏଫ୍ ମହାନିର୍ଦ୍ଦେଶକ ସୁବୋଧ କୁମାର ଜୟସ୍ୱାଲଙ୍କ ସମେତ ବିଭିନ୍ନ କେନ୍ଦ୍ରୀୟ ପୋଲିସ ସଙ୍ଗଠନର ମହାନିର୍ଦ୍ଦେଶକ ଓ ମହାନିରୀକ୍ଷକ ଉପସ୍ଥିତ ଥିଲେ। ଡେପୁଟି କମାଣ୍ଡାଣ୍ଟ ମିଶ୍ର ବୌଦ୍ଧ ଚନ୍ଦ୍ରଚୁଡ ରୋଡ୍ ନିବାସୀ ଶିକ୍ଷକ ସ୍ୱର୍ଗତ ସାରଙ୍ଗଧର ମିଶ୍ର ଓ ହରିପ୍ରିୟା ମିଶ୍ରଙ୍କ ପୁତ୍ର।

## କ୍ରିକେଟ: ଫାଇନାଲରେ ଯୋଗୀନ୍ଦ୍ରପୁର, ପଣ୍ଡକିଟାଲ ଦଳ

ବିନିକା,୧୦।୩(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଶଙ୍କରା ଗ୍ରାପର କୌଡିଆମୁଣ୍ଡା ବିଦ୍ୟାଳୟର ଖେଳପଡିଆଠାରେ ବୁଧବାର କେଏମସିସି ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ୍ ମ୍ୟାଚର ସେମି ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ବର୍‌ହାଗୁଡା ଦଳକୁ ହରାଇ ଯୋଗିନ୍ଦ୍ରପୁର ଫାଇନାଲରେ ପ୍ରବେଶ କରିଥିବା ବେଳେ ଦ୍ୱିତୀୟ ସେମି ଫାଇନାଲରେ ସ୍ୱର୍ଣ୍ଣାପାଲି ଦଳକୁ ହରାଇ ପଣ୍ଡକିଟାଲ ଦଳ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ଯୋଗିନ୍ଦ୍ରପୁର ଦଳ ୧୨ ଓଭରରେ ୧୨୦ରନ ସଂଗ୍ରହ କରିଥିଲା । ଜବାବରେ ବର୍‌ହାଗୁଡା ଦଳ ୧୨ଓଭର୍‌ରେ ୭୨ରନ୍ କରି ସମସ୍ତ ଉଇକେଟ ହରାଇ ପରାସ୍ତ ହୋଇଛି। ଦ୍ୱିତୀୟ ସେମି ଫାଇନାଲରେ ପଣ୍ଡକିଟାଲ ଦଳ ୧୦ ଓଭରରେ ୧୦୭ ରନ୍ କରିଥିବା ବେଳେ ସ୍ୱର୍ଣ୍ଣାପାଲି ଦଳ ୭୧ରନ୍ କରି ପରାସ୍ତ ହୋଇଛି। କୃଷ୍ଣ ଷାଣ୍ଢ, ସମୀର ନାୟକ, କୁନୁ ପଣ୍ଡା, ଲିଙ୍କନ ପଣ୍ଡା ଖେଳ ପରିଚାଳନା କରିଥିଲେ। ନିଖିଲ ପଣ୍ଡା ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ଟିଟୁ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ। କେଏମ୍‌ସିସି କ୍ଲବର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

## ଆନ୍ଦୋଳନକାରୀଙ୍କୁ ଗିରଫ କଲା ପୋଲିସ

ଲୋଇସିଂହା,୧୦।୩(ଡି.ଏନ.ଏ)



ଗିରଫ ହୋଇଥିବା ଆନ୍ଦୋଳନକାରୀ ଥାନା ସମ୍ମୁଖରେ ପ୍ରତିବାଦ କରିଛନ୍ତି ।

ବଲାଙ୍ଗୀର ଜିଲା ଲୋଇସିଂହାକୁ ଏନଏସି ମାନ୍ୟତା ଦାବିରେ ଆଞ୍ଚଳିକ ବିକାଶ ପରିଷଦର ଡାକରା କ୍ରମେ ବୁଧବାର ୧୨ ଘଣ୍ଟିଆ ଲୋଇସିଂହା ବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ପାଳିତ ହୋଇଯାଇଛି। ଏହି ବନ୍ଦକୁ ସମର୍ଥନ କରି ଆନ୍ଦୋଳନକାରୀମାନେ ସକାଳ ୬ଟାରୁ ବ୍ଲକ ଛକ, ପଦ୍ମପୁର ଛକ, ବୁର୍ଡା ବସଷ୍ଟାଣ୍ଡ ଓ ବୁର୍ଡା ଛକରେ ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ଅବରୋଧ କରି ବସିଥିଲେ। ଏଥିସହିତ ଦୋକାନ ବଜାର, ସରକାରୀ, ବେସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ, ବ୍ୟାଙ୍କ, ପେଟ୍ରୋଲ ପମ୍ପ ଆଦି ବନ୍ଦ ରହିଥିଲା। ବ୍ଲକ ଛକ ଧାରଣାସ୍ଥଳକୁ ଲୋଇସିଂହା ଆଇଆଇସି ଲଳିତା ଲାକ୍ରା ଓ ତହସିଲଦାର ଏ.କେ. ମିଶ୍ର ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ମଧାହ୍ନ ସୁଦ୍ଧା ଜିଲାସ୍ତରୀୟ କୌଣସି ଅଧିକାରୀ ଆଲୋଚନା ପାଇଁ ଆସି ନ ଥିଲେ। ପରେ ଲୋଇସିଂହା ପୋଲିସ ଆନ୍ଦୋଳନକାରୀଙ୍କୁ ଧାରଣାରୁ ଓହରି ଯିବାକୁ ଅନୁରୋଧ କରିଥିଲେ।

**ଏନ୍‌ଏସି ମାନ୍ୟତା ଦାବିରେ ଲୋଇସିଂହା ବନ୍ଦ ଘଟଣା**

ଅପରପକ୍ଷେ ପ୍ରଶାସନିକ ଅଧିକାରୀ ଧାରଣାସ୍ଥଳକୁ ଆସି ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ଆନ୍ଦୋଳନକାରୀ ଅଡି ବସିଥିଲେ। ଏହାପରେ ଅପରାହ୍ନ ସାଢେ ଗୋଟାଏ ସମୟରେ ପୋଲିସ ଆନ୍ଦୋଳନରତ ଶତାଧିକ ମହିଳା,ପୁରୁଷଙ୍କୁ ଗିରଫ କରି ଥାନାକୁ ନେଇଥିଲା । ଆବାହକ ସରୋଜ ବିଶ୍ୱାଳ, ପୂର୍ବତନ ଜିଲା ପରିଷଦ ସଭ୍ୟ ଅଶୋକ ବରିହା, କୁନା ଭୋଇ, ପ୍ରକାଶ ମହାରଣା, ନବକିଶୋର ନାଏକ, ଗୋପବନ୍ଧୁ ସାହୁ, ରାଜୁ ସାହୁ, ଲାଲମନ ନାଗ ପ୍ରମୁଖ ଗିରଫ ହୋଇଥିଲେ । ପରେ ସେମାନଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡି ଦେଇଥିଲା । ତେବେ ଏହି ଗିରଫଦାରୀକୁ ଆନ୍ଦୋଳନକାରୀମାନେ ଦୃଢ ନିନ୍ଦା କରିଛନ୍ତି। ବନ୍ଦରେ ଲୋଇସିଂହା,ବୁର୍ଡା ପଞ୍ଚାୟତ ସମେତ ହୀରାପୁର ପଞ୍ଚାୟତର ପନେସରା, ସେମେଲମୁଣ୍ଡା ଓ ସାରେସମୁଣ୍ଡା ଗ୍ରାମବାସୀ ସାମିଲ ହୋଇଥିଲେ । ଦାବି ପୂରଣ ନ ହେଲେ ଆନ୍ଦୋଳନ ଆହୁରି ତୀବ୍ରତର ହେବ ଓ ଚାଲିଥିବା ରିଲେ ଧାରଣା ଜାରି ରହିବ ବୋଲି ଆବାହକ ବିଶ୍ୱାଳ ଚେତାବନୀ ଦେଇଛନ୍ତି ।

## ଗ୍ରୀଷ୍ମ ମୁକାବିଲା ପାଇଁ ସତର୍କତାମୂଳକ ପଦକ୍ଷେପ

ସୋନପୁର,୧୦।୩(ନି.ପ୍ର.)



ସମୀକ୍ଷା ବୈଠକରେ ମଞ୍ଚାସୀନ ଅତିଥି ବୃନ୍ଦ।

ସୁବର୍ଣ୍ଣପୁର ଜିଲାରେ ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହଜନିତ ପରିସ୍ଥିତର ମୁକାବିଲା ଲାଗି ଗ୍ରହଣ କରାଯାଇଥିବା ସତର୍କତାମୂଳକ ପଦକ୍ଷେପ ସମ୍ପର୍କିତ ଜିଲାସ୍ତରୀୟ ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଜିଲାପାଳ ମୋନିଷା ବାନାର୍ଜୀ ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ଯୋଗଦେଇ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲାର ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟ ଜଳର ସୁବ୍ୟବସ୍ଥା କରିବା, ସ୍କୁଲଗୁଡିକରେ ପିଇବା ପାଣିର ବ୍ୟବସ୍ଥା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଏସ୍‌ପି ସୀତାରାମ ଶତପଥୀ, ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ପିଡି ଡିଆରଡିଏ ଡୋଲାମଣି ପଟେଲ, ସୋନପୁର ଉପଜିଲାପାଳ ନିହାର ରଞ୍ଜନ କହଁର, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ୬ଟି ବ୍ଲକର ବିଡିଓ, ତହସିଲଦାର ଓ ଜିଲା ଜରୁରୀକାଳୀନ ଅଧିକାରୀ ମୁକ୍ତେଶ୍ୱର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ଭାବ୍ୟ ଗ୍ରୀଷ୍ମ ପରିସ୍ଥିତର ମୁକାବିଲା ନିମନ୍ତେ ବିଭାଗୀୟ ଅଧିକାରୀମାନେ ପ୍ରସ୍ତୁତ ରହିବା ସହିତ କ୍ଷେତ୍ର କର୍ମଚାରୀ ଓ ଅଧିକାରୀମାନଙ୍କୁ ଏ ସମ୍ପର୍କରେ ସୂଚିତ କରିବା ପାଇଁ ଜିଲାପାଳ ବାନାର୍ଜୀ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ଯେପରି ଅଂଶୁଘାତଜନିତ ମୃତ୍ୟୁ ହେବନାହିଁ ସେ ଦିଗରେ ସମସ୍ତେ ଯତ୍ନବାନ ହେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ପାନୀୟ ଜଳ ସମସ୍ୟା ସମ୍ପର୍କରେ ଅଭିଯୋଗ ପାଇବା ମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଂଶୁଘାତର ମୁକାବିଲା ପାଇଁ ଜିଲାର ସବୁ ସ୍ୱାସ୍ଥ୍ୟକେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣର ଔଷଧ ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରିବାକୁ ସିଡିଏମପିଏଚଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଅଂଶୁଘାତଜନିତ ତ୍ୱରିତ ପଦକ୍ଷେପ ଓ ସୂଚନା ନିମନ୍ତେ ଜିଲା ଜରୁରୀ ଶାଖା ତରଫରୁ ସର୍ବସାଧାରଣଙ୍କ ନିମନ୍ତେ କଣ୍ଟ୍ରୋଲ ରୁମ ଆସନ୍ତା ଏପ୍ରିଲ ୧ ତାରିଖରୁ ଖୋଲାଯିବ। ଜିଲାର ପ୍ରତ୍ୟେକ ବ୍ଲକ, ତହସିଲ ଓ ଅନ୍ୟ କାର୍ଯ୍ୟାଳୟଗୁଡିକରେ ମଧ କଣ୍ଟ୍ରୋଲ ରୁମ୍ ରହିବ । ଜିଲାରେ ଅଚଳ ଥିବା ନଳକୂପ କାର୍ଯ୍ୟକ୍ଷମ, ପାନୀୟ ଜଳ ଯୋଗାଣ ଲାଗି ପଦକ୍ଷେପ, ଅଂଶୁଘାତଜନିତ ମୃତ୍ୟୁର ଯଥାଶୀଘ୍ର ତଦନ୍ତ କରି ରିପୋର୍ଟ ପ୍ରଦାନ, ପୌର ପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦ, ବ୍ଲକ, ପଞ୍ଚାୟତଗୁଡିକର ଜନଗହଳି ସ୍ଥାନ, ବସଷ୍ଟାଣ୍ଡରେ ଜଳଛତ୍ର ଖୋଲିବା, ଜଳକ୍ଲିଷ୍ଟ ଅଞ୍ଚଳରେ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦେବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଏହାଛଡା ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ବିଶେଷ ବ୍ୟବସ୍ଥା କରିବାକୁ ବନଖଣ୍ଡ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

**ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟ ଜଳ ବ୍ୟବସ୍ଥା ଉପରେ ଗୁରୁତ୍ୱ**

